ଆଇଆଇଟିଗୁଡ଼ିକୁ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ କରିବାକୁ ଯୋଜନା

# ଆଇଆଇଟି ଭିତ୍ତିଭୂମି ବଢ଼ିବ

ଭୁବନେଶ୍ୱର/ଜଟଣୀ,୧୧।୯(ଇମିସ): ବିଶ୍ୱର ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରେ ଦେଶର ଆଇଆଇଟିଗୁଡ଼ିକୁ ସ୍ଥାନିତ କରିବା ଦିଗରେ ପଦକ୍ଷେପ ନେଇଛି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ। ଏଥିପାଇଁ ଏକ ଅଭିନବ କାର୍ଯ୍ୟକ୍ରମ 'ବିଶ୍ୱଜିତ' ହାତକୁ ନିଆଯାଇଛି। ଯାହା ମାଧ୍ୟମରେ ଦେଶର ପ୍ରମୁଖ ଆଇଆଇଟିର ଭିତ୍ତିଭୂମି ବିକାଶ ଲାଗି ସହାୟତା ଯୋଗାଇ ଦିଆଯିବ। ଆସନ୍ତା ୨୦୨୦ ସୁଦ୍ଧା ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ଏହା କିଭଳି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ଆଜି ଅନୁଷ୍ଠିତ ଆଇଆଇଟି ନିର୍ଦ୍ଦେଶକଙ୍କ ୧୫୪ତମ ସମ୍ମିଳନୀରେ ଆଲୋଚନା ହୋଇଛି।

**ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କରିବାକୁ ପ୍ରସ୍ତାବ**

**ବିଦେଶୀ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରାଯିବ**

ପ୍ରଥମ ଥର ଲାଗି ଭୁବନେଶ୍ୱର ଆଇଆଇଟିରେ ଅନୁଷ୍ଠିତ ସମ୍ମିଳନୀରେ ଆଇଆଇଟି ପରିଚାଳନା ଏବଂ ଭବିଷ୍ୟତ ଉପରେ ମୁଖ୍ୟତଃ ଗୁରୁତ୍ୱ ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ୍ ପ୍ରଦାନ, ରିସର୍ଚ୍ଚ କାର୍ଯ୍ୟକ୍ରମ ଏବଂ ଅଧ୍ୟାପକ, ଛାତ୍ରଛାତ୍ରୀଙ୍କ ବିକାଶ ସମ୍ପର୍କିତ ବିଷୟ ଉପରେ ଆଲୋଚନା ହୋଇଥିଲା। ଆଇଆଇଟିଗୁଡ଼ିକ ଲାଗି ବିଦେଶୀ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ବି ସବିଶେଷ ଆଲୋଚନା କରାଯାଇଥିଲା। ସବୁଠାରୁ ବଡ଼ କଥା ହେଲା ଯେ, ଆଇଆଇଟିଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କରାଯିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବାକୁ ସମ୍ମିଳନୀରେ ନିଷ୍ପତ୍ତି ହୋଇଛି।

ନୂଆ କରି ସୃଷ୍ଟି ହୋଇଥିବା ଆଇଆଇଟିର ଭିତ୍ତିଭୂମି ବିକାଶ, ନୂତନ ଜ୍ଞାନକୌଶଳ ମାଧ୍ୟମରେ ଆଇଆଇଟି କୋଠାଗୁଡ଼ିକ ନିର୍ମାଣ, ପିଏସ୍‌ୟୁକୁ ଗୁରୁତ୍ୱ ଦିଆଯାଇ ଛାତ୍ରଛାତ୍ରୀ ଚୟନ କରିବା, ଆଇଆଇଟିଗୁଡ଼ିକ ପାଇଁ ଜେଇଇ ମାଧ୍ୟମରେ କିଭଳି ଅଧିକ ଛାତ୍ରଛାତ୍ରୀ ଚୟନ ହେବେ ତାହାକୁ ଗୁରୁତ୍ୱ ଦିଆଯିବ। ଏଥିସହ 'ସୁପର ନ୍ୟୁମେରି' ମାଧ୍ୟମରେ ବିଦେଶୀ ଛାତ୍ରଛାତ୍ରୀଙ୍କ ଲାଗି ସିଟ୍ ବଣ୍ଟନ କରିବାକୁ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟକୁ ପ୍ରସ୍ତାବ ଦିଆଯିବାକୁ ନିଷ୍ପତ୍ତି ହୋଇଛି।

ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ଆର.ଭି. ରାଜାକୁମାରଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀରେ ୧୩ଟି ଆଇଆଇଟି ନିର୍ଦ୍ଦେଶକ ଭାଗ ନେଇଥିଲେ। ୯ଟି ଆଇଆଇଟି ନିର୍ଦ୍ଦେଶକ ଆଜି ଉପସ୍ଥିତ ଥିବାବେଳେ ୪ ଜଣ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଭି. ରାମଗୋପାଳ ରାଓ, ରୁରକିର ପ୍ରଫେସର ପ୍ରଦୀପ୍ତ ବାନାର୍ଜୀ, କାନପୁରର ପ୍ରଫେସର ଇନ୍ଦ୍ରନିଲ୍ ମାନ୍ନା, ଆଇଆଇଟି ବାରଣାସୀର ପ୍ରଫେସର ରାଜୀବ ସଙ୍ଗଲ୍, ଆଇଆଇଟି ହାଇଦ୍ରାବାଦର ପ୍ରଫେସର ୟୁ.ବି. ଦେଶାଇ, ମାଣ୍ଡିର ନିର୍ଦ୍ଦେଶକ ପ୍ରଫେସର ଟି.ଏ. ଗୋନ୍‌ସାଲ୍‌ଭ୍‌ସ, ଯୋଧପୁରର ପ୍ରଫେସର ସି.ଭି.ଆର. ମୂର୍ତ୍ତି, ପାଟଣାର ପ୍ରଫେସର ପୁଷ୍କକ ଭଟ୍ଟାଚାର୍ଯ୍ୟ, ରୋପାରର ପ୍ରଫେସର ସରିତ୍ କୁମାର ଦାଶ, ଗାନ୍ଧୀନଗରର ଏକାଡେମିକ୍ ଡିନ୍ ପ୍ରଫେସର ଅମିତ୍ ପ୍ରଶାନ୍ତ ପ୍ରମୁଖ ଯୋଗଦେଇଥିଲେ।



ସମ୍ମିଳନୀ ଶେଷ ହେବା ପରେ କେତେଜଣ ନିର୍ଦ୍ଦେଶକ ଭୁବନେଶ୍ୱର ଆଇଆଇଟିର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଏବଂ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅରୁଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସକୁ ପ୍ରଶଂସା କରିବା ସହ ପରବର୍ତ୍ତୀ ସମୟରେ ଏଠାକୁ ଆସିବାକୁ ସେମାନେ ଆଗ୍ରହ ପ୍ରକାଶ କରିଥିଲେ।